# ODM PUBLIC SCHOOL

SESSION : 5
CLASS : v
SUBJECT : (ଓଡ଼ିଆ)
CHAPTER NUMBER:06
CHAPTER NAME: ମାନିଆରୁ ମାଡାମ କ୍ୟୁରୀ
SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ

# LEARNING OBJECTIVE

ବିଷୟବସ୍ତୁ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ମାନିଆରୁ ମାଡାମ କ୍ୟୁରୀ ।

ଶୈଳେଶ ଚନ୍ଦ୍ର ପଟ୍ଟନାୟକ

ଅଭାବ ଓ ଦାରିଦ୍ର୍ୟ ସହିତ ଲଢି ଲଢି ମାନିଆ ଶେଷରେ ବିଜୟମଣ୍ଡିତା ହେଲେ । ସରବନ୍ ବିଶ୍ୱବିଦ୍ୟାଳୟରୁ ସେ ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏମ.ଏସସି.ପାସ୍ କଲେ । ସେ ଏଣିକି ଗବେଷଣା କାର୍ଯ୍ୟରେ ମନୋନିବେଶ କଲେ । ବିଜ୍ଞାନ ଥିଲା ତାଙ୍କର ପ୍ରାଣ,ଗବେଷଣା ଥିଲା ତାଙ୍କର ଲକ୍ଷ୍ୟ ଓ ଅଧିକରୁ ଅଧିକ ଜ୍ଞାନ ଆହରଣ ଥିଲା ଜୀବନର ବ୍ରତ । ହେଲେ,ସେଥିପାଇଁ ପ୍ରଚୁର ଅର୍ଥ ଦରକାର । ଅର୍ଥ ସେ କାହୁଁ ପାଇବେ ! ମଣି-କାଞ୍ଚନର ସଂଯୋଗ ଭଳି ମାନିଆଙ୍କର ବିବାହ ହେଲା ପ୍ୟାରିସର ଜଣେ ଯୁବ ବୈଜ୍ଞାନିକ ଅଧ୍ୟାପକ ପେରୀ କ୍ୟୁରୀଙ୍କ ସହିତ । ବିବାହ ପରେ ମାନିଆଙ୍କର ନାଆଁ ସହିତ କ୍ୟୁରୀ ଯୋଡ଼ାଗଲା । ସେ ଏଣିକି ହେଲେ ମେରୀ କ୍ୟୁରୀ ବା ମାଡାମ କ୍ୟୁରୀ । ସ୍ୱାମୀ ସ୍ତ୍ରୀ ଦୁହେଁ ଗବେଷଣା କାର୍ଯ୍ୟରେ ଲାଗିପଡ଼ିଲେ । ଦୁହିଁଙ୍କର ପଥ ଗୋଟିଏ,ଲକ୍ଷ୍ୟ ମଧ୍ୟ ଗୋଟିଏ । ନିଜର ସମସ୍ତ ଉପାର୍ଜିତ ଅର୍ଥକୁ କେବଳ ଗବେଷଣା କାର୍ଯ୍ୟରେ ବିନିଯୋଗ କରି ଦିନେ ସାରା ପୃଥିବୀରେ ଚହଳ ପକାଇ ସେ ଦୁହେଁ ଆବିଷ୍କାର

# କଠିନ ଶବ୍ଦର ଅର୍ଥ

ODM EDUCATIONAL GROUP
Changing your Tomorrow

ବିଜୟମଣ୍ଡିତା –ଜିତିଯିବା
ମନୋନିବେଶ –ମନଲଗାଇବା
ବ୍ରତ –ସଂକଳ୍ପ
ମଣି କାଞ୍ଚନର ସଂଯୋଗ –ଦୁଇ ଗୁଣୀ ବ୍ୟକ୍ତିଙ୍କ ମିଳନ
ବିନିଯୋଗ – ଲଗାଇବା
ଚହଳ –ପ୍ରଘଟ

# ମାନିଆରୁ ମାଡାମ କ୍ୟୁରୀ

ODM EDUCATIONAL GROUP
Changing your Tomorrow

ସେମାନଙ୍କୁ ମିଳିଲା ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ୍  ପୁରସ୍କାର । ପୃଥିବୀର ପ୍ରତ୍ୟେକ ଦେଶରୁ ତାଙ୍କ ଉପରେ ଆସି ଅଜାଡ଼ି ହୋଇ ପଡ଼ିଲା ଗଦାଗଦା ଶୁଭେଚ୍ଛା ଓ ଅଭିନନ୍ଦନ।ରେଡିୟମ କୁ ସେ ଦୁହେଁ ନିଜର ବ୍ୟକ୍ତିଗତ ସମ୍ପତ୍ତି ନ କରି ସମଗ୍ର ମାନବ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଲେ । ତା' ନ ହୋଇଥିଲେ ସେମାନେ କୋଟିପତି ହୋଇପାରିଥାନ୍ତେ । ନୋବେଲ୍ ପୁରସ୍କାର ପାଇବାର ତିନି ବର୍ଷ ପରେ ଗୋଟିଏ ମଟର ଦୁର୍ଘଟଣାରେ ପେରୀ କ୍ୟୁରୀଙ୍କର ପରଲୋକ ଘଟିଲା । ମେରୀ ସ୍ୱାମୀଙ୍କର୍ ଚାକିରିରେ ନିଯୁକ୍ତ ହେଲେ।ତାଙ୍କ ହାତରେ କି କୁହୁକ ଥିଲା କେଜାଣି ସେ ଯାହାକୁ ଛୁଇଁ ଦେଉଥିଲେ ତାହା ସୁନା ପାଲଟି ଯାଉଥିଲା । ସେ ରସାୟନ ବିଜ୍ଞାନରେ ଗବେଷଣା ଚଳାଇଲେ। ସେଥିରେ ମଧ୍ୟ ସେ ନୋବେଲ୍  ପୁରସ୍କାର ପାଇଲେ । ସେ ହେଉଛନ୍ତି ପୃଥିବୀର ଏକମାତ୍ର ମହିଳା,ଯେ କି ଦୁଇ ଦୁଇଥର ନୋବେଲ୍ ପୁରସ୍କାର ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କର କନ୍ୟା ଆଇରିନ୍ ଜୁଲିଏଟ ଏବଂ ସ୍ୱାଇଁ ଫେଡେରିକ ମଧ୍ୟ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିଲେ ।

ODM EDUCATIONAL GROUP
Changing your Tomorrow

# କଠିନ ଶବ୍ଦର ଅର୍ଥ

ଅଜାଡ଼ି – ଗଦା ହୋଇଯିବା
ଅଭିନନ୍ଦନ -ସ୍ୱାଗତ
ଶୁଭେଚ୍ଛା-ମଙ୍ଗଳକାମନା
ପରଲୋକ –ମୃତ୍ୟୁ
କୁହୁକ –ଜାଦୁବିଦ୍ୟା
ସୌଭାଗ୍ୟ –ଉତ୍ତମଭାଗ୍ୟ

# ଗୃହକର୍ମ

ODM EDUCATIONAL GROUP
Changing your Tomorrow

କଷ୍ଟଶବ୍ଦ ଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର ।

# LEARNING OUTCOME:

ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP